# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୬୪ (ଓଡ଼ିଆ ବୁଲେଟିନ୍) ସପ୍ତାହ – ୩୨ ତାରିଖ: ୧୧.୦୮.୨୦୨୬

## ପଶ୍ଚିମ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ

## ଜିଲ୍ଲା – ବରଗଡ଼

ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୦୫.୦୮.୨୦୨୬ ରୁ ୧୧.୦୮.୨୦୨୬ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ୦୫ | ୦୬ | ୦୭ | ୦୮ | ୦୯ | ୧୦ | ୧୧ | ୦୫ | ୦୬ | ୦୭ | ୦୮ | ୦୯ | ୧୦ | ୧୧ | ୦୫ | ୦୬ | ୦୭ | ୦୮ | ୦୯ | ୧୦ | ୧୧ |
| 34 | 33 | 33 | 30 | 29 | 29 | 32 | 23 | 23 | 23 | 23 | 23 | 24 | 24 | 12 | 13 | 34 | 16 | 42 | 1 | 5 |

## ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୧୨-୦୮-୨୦୨୬ | ୧୩-୦୮-୨୦୨୬ | ୧୪-୦୮-୨୦୨୬ | ୧୫-୦୮-୨୦୨୬ | ୧୬-୦୮-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 29 | 41 | 43 | 27 | 21 |
| ସର୍ବାଧିକ ତାପମାତ୍ରା (° ସେଣ୍ଟିଗ୍ରେଡ) | 31 | 30 | 31 | 31 | 31 |
| ସର୍ବନିମ୍ନ ତାପମାତ୍ରା (° ସେଣ୍ଟିଗ୍ରେଡ) | 23 | 23 | 23 | 22 | 22 |
| ମେଘ ଆବରଣ(ଓକଟା) | 7 | 7 | 8 | 8 | 8 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 92 | 91 | 91 | 92 | 93 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 65 | 66 | 70 | 76 | 79 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 7 | 9 | 13 | 12 | 12 |
| ପବନର ଦିଗ (ଡିଗ୍ରୀ) | 264 | 252 | 257 | 261 | 262 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ଜିଲ୍ଲାର କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହିତ ହାଲୁକା ରୁ ମଧ୍ୟମ ବର୍ଷା ହେବାର ଏବଂ ଏହି ସମୟ ଅବଧିରେ ଆକାଶ ସାଧାରଣତଃ ରୁ ପୂର୍ଣ୍ଣତଃ ମେଘାଚ୍ଛନ୍ନ ରହିବାର ସମ୍ଭାବନା ଅଛି । ଆଗାମୀ ଦିନଗୁଡ଼ିକରେ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ବଡ଼ ପରିବର୍ତ୍ତନ ଦେଖାଯିବାର ସମ୍ଭାବନା ନାହିଁ । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆପେକ୍ଷିକ ଆର୍ଦ୍ରତା ଅଧିକ ରହିବା ସହିତ ଘଣ୍ଟା ପ୍ରତି ୭ ରୁ ୧୩ କି.ମି. ବେଗରେ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ପୂର୍ବାନୁମାନ କରାଯାଇଅଛି ।

**ଚେତାବନୀ:** ଆଗାମୀ ସପ୍ତାହର ପ୍ରଥମ ତିନି ଦିନ ମଧ୍ୟରେ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସହିତ ଘଡ଼ଘଡ଼ି ବିଜୁଳି ଏବଂ ଘଣ୍ଟା ପ୍ରତି ୩୦ ରୁ ୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଅଛି ।

## ସାଧାରଣ ଉପଦେଶ

- **ପୂର୍ବରୁ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ୩୧ତମ ସପ୍ତାହ (୩୦.୦୭.୨୦୨୬ ରୁ ୦୫.୦୮.୨୦୨୬) ପାଇଁ ଉପଗ୍ରହ ଆଧାରିତ ସବୁଜତା ସୂଚକ (NDVI) ତଥ୍ୟ ଅନୁସାରେ କେତେକ ଅଞ୍ଚଳରେ ସବୁଜତା ହାର ଓ ବୃଦ୍ଧି ହ୍ରାସ ପରିଲକ୍ଷିତ ହୋଇଛି ।** ଚାଷୀମାନେ ନିଜ ଜମିରେ ପାଣି ଜମି ରହିଛି କି ନାହିଁ ଏବଂ ଫସଲରେ ଚାପର ଲକ୍ଷଣ ରହିଛି କି ନାହିଁ ଯାଞ୍ଚ କରନ୍ତୁ । ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରି ନିଚୁଆ ଜମିରୁ, ବିଶେଷକରି ଧାନ ଓ ଅତ୍ୟଧିକ ଜଳ ପ୍ରତି ସମ୍ବେଦନଶୀଳ ଫସଲରୁ, ଅତିରିକ୍ତ ପାଣି ନିଷ୍କାସନ କରନ୍ତୁ । ଜମିରୁ ଅତିରିକ୍ତ ପାଣି ନିଷ୍କାସିତ ହେବା ପରେ ମାଟିରେ ପର୍ଯ୍ୟାପ୍ତ ଆର୍ଦ୍ରତା ରଖି ଜଳସେଚନ ଓ ସାର ପ୍ରୟୋଗ କାର୍ଯ୍ୟ କରନ୍ତୁ । ବର୍ତ୍ତମାନର ଆର୍ଦ୍ର ପାଣିପାଗରେ ଫସଲରେ କୀଟପୋକ ଓ ରୋଗ, ବିଶେଷକରି କବକ ଜନିତ ରୋଗର ଆକ୍ରମଣକ ପ୍ରତି ନିୟମିତ ଭାବେ ନିରୀକ୍ଷଣ କରନ୍ତୁ ।
- କୃଷକଭାଇମାନେ ସ୍ଥାନୀୟ ପାଣିପାଗ ପୂର୍ବାନୁମାନ ଏବଂ କୃଷି ପାଣିପାଗ ପରାମର୍ଶ ସମ୍ପର୍କରେ ସଦା ଅବଗତ ରୁହନ୍ତୁ । ଫସଲ ଓ ପଶୁପାଳନ ସମ୍ବନ୍ଧୀୟ ସମସ୍ତ କୃଷି କାର୍ଯ୍ୟ ସଦ୍ୟ ପ୍ରସାରିତ ପାଣିପାଗ ସୂଚନା ଅନୁଯାୟୀ କରନ୍ତୁ ।

## ସଂକ୍ଷିପ୍ତ ଉପଦେଶ

- ଆସନ୍ତା ତିନି ଦିନ ମଧ୍ୟରେ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଚାଷୀଭାଇମାନଙ୍କୁ ଚାଷ ଜମିରୁ ଅତିରିକ୍ତ ବର୍ଷାଜଳର ନିଷ୍କାସନ ପାଇଁ ସଠିକ୍ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଛି ।

## ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ (ଖରିଫ) ଧାନ | ରୋପଣ/ ପିଲ ବାହାରିବା ଅବସ୍ଥା | • ପୂର୍ବ ବର୍ଷା ସ୍ଥିତିକୁ ଦୃଷ୍ଟିରେ ରଖି, ଯେଉଁ ଚାଷୀମାନେ ଏପର୍ଯ୍ୟନ୍ତ ଚାରାରୋପଣ ଆରମ୍ଭ କରିନାହାଁନ୍ତି, ସେମାନଙ୍କୁ ଅତିରିକ୍ତ ପାଣି କ୍ଷେତକୁ ବାହାର କରି ରୋପଣ ହେତୁ କ୍ଷେତ ପ୍ରସ୍ତୁତ କରିବାକୁ ପରାମର୍ଶ ଦିଆଯାଇଛି (ମୁଖ୍ୟ କ୍ଷେତ ପ୍ରସ୍ତୁତି ପାଇଁ କେବଳ ପର୍ଯ୍ୟାପ୍ତ ପାଣି ରଖନ୍ତୁ)।<br>• ଧାନ କ୍ଷେତରେ ମହିଷା ରୋଗ, ପତ୍ରଛାଦ ପୋଡା ରୋଗ, କାଣ୍ଡ ବିନ୍ଧା ଏବଂ ଲେଡା ପୋକ ଆକ୍ରମଣର ପ୍ରାଦୁର୍ଭାବ ଉପରେ ନଜର ରଖନ୍ତୁ ।<br>• ଧାନ ଫସଲରେ ହଳଦିଆ କାଣ୍ଡବିନ୍ଧା ପୋକ ଓ ପତ୍ରମୋଡ଼ା ପୋକ ର ନିରୀକ୍ଷଣ ପାଇଁ ଏକର ପିଛା ୪–୫ଟି ଫେରୋମୋନ୍ ଟ୍ରାପ୍ ସ୍ଥାପନ କରନ୍ତୁ । ପ୍ରତି ଟ୍ରାପ୍‌ରେ ୪ କିମ୍ବା ୫ଟି ପୁରୁଷ ପୋକ ଧରାପଡ଼ିଲେ, ଆକାଶ ସ୍ୱଚ୍ଛ ଓ ପବନର ଗତି ଶାନ୍ତ ଥିବା ସମୟରେ ଆବଶ୍ୟକ କୀଟନାଶକ ପ୍ରୟୋଗ କରନ୍ତୁ ।<br>• ପିଲ ଅବସ୍ଥାର ଥିବା ଧାନ ଗଛରେ ଖେତରୁ ଅଧିକ ପାଣି ନିଷ୍କାସନ କଲାପରେ ପର୍ଯ୍ୟାପ୍ତ ମାଟିର ଆର୍ଦ୍ରତା ରଖି ସାର ପ୍ରୟୋଗ କାର୍ଯ୍ୟ କରନ୍ତୁ । |
| ଚିନାବାଦାମ | ଅଙ୍ଗିୟ ଅବସ୍ଥା/ ଫୁଲ ଅବସ୍ଥା | • ଚିନାବାଦାମ ଫସଲରେ ପାଣି ଜମି ରହିବା କ୍ଷତିକାରକ ହୋଇଥିବାରୁ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ ପାଇଁ ଉପଯୁକ୍ତ ବ୍ୟବସ୍ଥା କରନ୍ତୁ ।<br>• ବୁଣିବା ସମୟରେ ଜିପ୍ସମ୍ ପ୍ରୟୋଗ କରିନଥିଲେ, ଫସଲର ପୂର୍ଣ୍ଣ ଫୁଲ ଅବସ୍ଥାରେ ଜିପ୍ସମ୍ ପ୍ରୟୋଗ କରନ୍ତୁ, ଯାହା ଫଳର ବିକାସ ଏବଂ କ୍ୟାଲସିୟମ୍ ଯୋଗାଣରେ ସାହାଯ୍ୟ କରେ ।<br>• ଆସନ୍ତା ଦିନରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ କୃଷକଭାଇମାନଙ୍କୁ ଘାସ ସଫା, ସାର ପ୍ରୟୋଗ, କୋଡ଼ାଖୁସା କିମ୍ବା ମାଟି ଚଢ଼ାଇବା ଆଦି ଅନ୍ତଃଚାଷ କାର୍ଯ୍ୟ କିଛି ଦିନ ପାଇଁ ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଉଛି ।<br>• ନିୟମିତ ଭାବରେ ଫସଲକୁ ପତ୍ର ସୁଡ଼ଙ୍ଗ କୀଟ, ଜଉ ପୋକ, ଉକୁଣିଆ ପୋକର ଆକ୍ରମଣ ଏବଂ ପତ୍ର ଦାଗ ରୋଗ, କଲାର ରଟ୍ ଇତ୍ୟାଦି ରୋଗର ସଂକ୍ରମଣ ପ୍ରତି (ବିଶେଷକରି କ୍ରମାଗତ ବର୍ଷା ଓ ଆର୍ଦ୍ର ପରିସ୍ଥିତିରେ) ନଜର ରଖନ୍ତୁ। ଆକ୍ରାନ୍ତ କିମ୍ବା କ୍ଷତିଗ୍ରସ୍ତ ଗଛ ଅଂଶଗୁଡ଼ିକୁ ସଂଗ୍ରହ କରି ନଷ୍ଟ କରନ୍ତୁ, ଯାହାଦ୍ୱାରା କୀଟ ଓ ରୋଗର ବିସ୍ତାରକୁ ରୋକାଯାଇପାରିବ । |
| ପିଜୁଳି | ଫଳ ଅବସ୍ଥା | • ପିଜୁଳି ବଗିଚାରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଏବଂ ଗଛ ଚାରିପାଖରେ ଦୀର୍ଘ ସମୟ ପର୍ଯ୍ୟନ୍ତ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ ।<br>• ଫଳରେ ଫଳମାଛି ଆକ୍ରମଣ ପ୍ରତି ନିୟମିତ ଭାବେ ନିରୀକ୍ଷଣ କରନ୍ତୁ । ଆକ୍ରାନ୍ତ ଓ ତଳେ ପଡ଼ିଥିବା ଫଳଗୁଡ଼ିକୁ ସଂଗ୍ରହ କରି ନଷ୍ଟ କରନ୍ତୁ ଏବଂ ଫଳମାଛିର ନିରୀକ୍ଷଣ ପାଇଁ ଉପଯୁକ୍ତ ଫଳମାଛି ଟ୍ରାପ୍/ବେଟ୍ ବ୍ୟବହାର କରନ୍ତୁ ।<br>• ପ୍ରଚଳିତ ଆର୍ଦ୍ର ଓ ଓଦା ପାଗ ଯୋଗୁଁ, ପିଜୁଳି ଗଛର ଫଳ ଓ ପତ୍ରରେ ଆନ୍ଥ୍ରାକ୍ନୋଜ୍, ଫଳ ପଚା ଓ ପତ୍ର ଦାଗ ରୋଗର ଲକ୍ଷଣ ପ୍ରତି ନିୟମିତ ଭାବେ ଯାଞ୍ଚ କରନ୍ତୁ । ରୋଗାକ୍ରାନ୍ତ ଅଂଶଗୁଡ଼ିକୁ ଆବଶ୍ୟକତା ଅନୁଯାୟୀ ହଟାଇ ନଷ୍ଟ କରି ଦିଅନ୍ତୁ, ଯାହାଦ୍ୱାରା ରୋଗର ବିସ୍ତାରକୁ କିଛିଟା ରୋକାଯାଇପାରିବ ।<br>• ଉପଯୁକ୍ତ କାନୋପି ପରିଚାଳନା କରି ଗଛ ଭିତରେ ବାୟୁ ଚଳାଚଳ ଓ ସୂର୍ଯ୍ୟକିରଣର ପ୍ରବେଶକୁ ବୃଦ୍ଧି କରନ୍ତୁ । ଏହାଦ୍ୱାରା ଗଛର କାନୋପି ଭିତରେ ଅତ୍ୟଧିକ ଆର୍ଦ୍ରତା କମାଇବାରେ ସହାୟତା ମିଳିଥାଏ । |
| କାକୁଡ଼ି | ଫୁଲ ଓ ଫଳ ଅବସ୍ଥା | • କାକୁଡ଼ି କ୍ଷେତରେ ଗଛ ମୂଳ ପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ ଏବଂ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।<br>• ସମ୍ଭବ ହେଲେ କାକୁଡ଼ି ଲତାକୁ ବାଉଁଶ କିମ୍ବା ତାର ଟ୍ରେଲିଜ୍ ଯୋଗାଇ ଦିଅନ୍ତୁ, ଯାହାଫଳରେ ଫଳ ମାଟି ସଂସ୍ପର୍ଶରେ ନ ଆସିବ ଏବଂ ରୋଗର ପ୍ରାଦୁର୍ଭାବ କମିଯିବ ।<br>• କାକୁଡ଼ି ଫସଲରେ ନିୟମିତ ଭାବରେ ଫଳମାଛି ପୋକର ଆକ୍ରମଣ ଉପରେ ନଜର ରଖନ୍ତୁ ।<br>• ପୋକ ଆକ୍ରାନ୍ତ ଫଳ ଏବଂ ଅନ୍ୟାନ୍ୟ ସଂକ୍ରମିତ ଅଂଶଗୁଡ଼ିକୁ ସଂଗ୍ରହ କରି ନଷ୍ଟ କରି ଦିଅନ୍ତୁ ।<br>• ନାଲି କଖାରୁ ପୋକ, ଜଉ ପୋକ ଏବଂ ଧଳାମାଛିର ଆକ୍ରମଣ ପ୍ରତି ସତର୍କ ରୁହନ୍ତୁ । |

| | | |
|---|---|---|
| | | • କ୍ରମାଗତ ମେଘୁଆ ଓ ବର୍ଷା ପାଗ ଯୋଗୁଁ ଡାଉନି ମିଲଡିଉ, ପାଉଡରି ମିଲଡିଉ (ଚୂର୍ଣ୍ଣିଳ ବା ଧଳା ଗୁଣ୍ଡ ପରି ରୋଗ), ଆନ୍ଥ୍ରାକ୍ନୋଜ୍ ଏବଂ ଫଳ ପଚା ରୋଗର ପ୍ରାଦୁର୍ଭାବ ଦେଖିବାକୁ ମିଳିପାରେ ତେଣୁ ଏହା ପ୍ରତି ନିୟମିତ ନଜର ରଖନ୍ତୁ । |
| ଗେଣ୍ଡୁ ଫୁଲ ଚାଷ | ଅଙ୍ଗିୟ ଅବସ୍ଥା/ ଫୁଲ ଅବସ୍ଥା | • ଗେଣ୍ଡୁ ଫୁଲ ଚାଷ ଜମିରେ ଉପଯୁକ୍ତ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ ଏବଂ ଅତ୍ୟଧିକ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ, କାରଣ ଅଧିକ ଆର୍ଦ୍ରତା ଯୋଗୁଁ ମୂଳ ଓ କାଣ୍ଡ ପଚା ରୋଗ ବୃଦ୍ଧି ପାଇପାରେ ।<br>• ଜମିରେ ଠିକ ସମୟରେ ଅନ୍ତଃଚାଷ କାର୍ଯ୍ୟ କରି ଘାସ ଓ ଅନାବନା ଗଛକୁ ନିୟନ୍ତ୍ରଣରେ ରଖନ୍ତୁ, ଯାହାଦ୍ୱାରା ପୋଷକତତ୍ତ୍ୱ ଓ ମାଟିର ଆର୍ଦ୍ରତା ପାଇଁ ପ୍ରତିସ୍ପର୍ଦ୍ଧା କମିଯିବ ।<br>• ପୂର୍ବଦିନଗୁଡ଼ିକରେ ହୋଇଥିବା ଲଗାତାର ବର୍ଷା ଯୋଗୁଁ ଗେଣ୍ଡୁ ଫୁଲ ଗଛରେ କାଣ୍ଡ ପଚା, ମଉଳା ବା ଝାଉଁଳା ରୋଗ ଓ ପତ୍ର ପଚା ରୋଗ ଦେଖାଦେବାର ସମ୍ଭାବନା ରହିଅଛି । ତେଣୁ ଚାଷୀଭାଇମାନେ ନିୟମିତ ଭାବେ ଗଛଗୁଡ଼ିକୁ ଯାଞ୍ଚ କରନ୍ତୁ । ଅତ୍ୟଧିକ ରୋଗାକ୍ରାନ୍ତ ଗଛର ଅବଶେଷକୁ ବାହାର କରି ନଷ୍ଟ କରି ଦିଅନ୍ତୁ ।<br>• ଗେଣ୍ଡୁ ଫୁଲ ଗଛର କୋମଳ ଡାଳ ଓ ନୂଆ ପତ୍ରରେ ଜଉ ପୋକ, ଲିଫ୍ ହପର୍, ଉକୁଣିଆ ପୋକ ଓ ଅନ୍ୟାନ୍ୟ ଶୋଷକ ପୋକମାନଙ୍କ ଆକ୍ରମଣ ପ୍ରତି ନିୟମିତ ଭାବେ ନିରୀକ୍ଷଣ କରୁଥାନ୍ତୁ । |
| ଛେଳି | • ଛେଳିମାନଙ୍କୁ ସଫା, ଶୁଖିଲା ଏବଂ ଭଲ ବାୟୁ ଚଳାଚଳ ହେଉଥିବା ଗୁହାଳରେ ରଖନ୍ତୁ । ଗୁହାଳ ଭିତରକୁ ବର୍ଷା ପାଣି ପଶିବାକୁ ତଥା ଗୁହାଳ ଚାରିପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ ।<br>• ବର୍ଷା ଋତୁରେ ଅନ୍ତଃପରଜୀବୀ (କୃମି) ସଂକ୍ରମଣର ସମ୍ଭାବନା ବଢ଼ିବାର ଦେଖାଦେଇପାରେ ତେଣୁ ପଶୁ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ନିର୍ଦ୍ଧାରିତ ସମୟରେ ଛେଳିମାନଙ୍କୁ କୃମିନାଶକ ଔଷଧ ଖୁଆନ୍ତୁ ।<br>• ପିପିଆର୍ (PPR), ଏଣ୍ଟେରୋଟୋକ୍ସିମିଆ (ET) ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ରୋଗ ବିରୁଦ୍ଧରେ ସ୍ଥାନୀୟ ପଶୁ ଚିକିତ୍ସା ବିଭାଗର ପରାମର୍ଶ ଅନୁଯାୟୀ ଛେଳିମାନଙ୍କୁ ଟିକାକରଣ କରାନ୍ତୁ ।<br>• ଛେଳିମାନଙ୍କଠାରେ ଝାଡ଼ା, ନିମୋନିଆ, ଖୁର ପଚା ରୋଗ, ଜ୍ୱର କିମ୍ବା ପରଜୀବୀ ସଂକ୍ରମଣର ଲକ୍ଷଣ ଦେଖାଦେଲେ ତୁରନ୍ତ ଅସୁସ୍ଥ ଛେଳିକୁ ଅଲଗା ରଖନ୍ତୁ ଏବଂ ପଶୁ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । | |
| କୁକୁଡ଼ା | • କୁକୁଡ଼ା ଘର ଚାରିପାଖରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରି ଜଳ ଜମିବା ଓ ଅତ୍ୟଧିକ ଆର୍ଦ୍ରତାକୁ ରୋକନ୍ତୁ।<br>• କୁକୁଡ଼ା ଘରକୁ ପରିଷ୍କାର, ଶୁଖିଲା ଓ ଭଲ ବାୟୁ ଚଳାଚଳ ଯୋଗ୍ୟ ରଖନ୍ତୁ । ବର୍ଷା ପାଣି ଓ ଥଣ୍ଡା ପବନ ସିଧାସଳଖ କୁକୁଡ଼ାଙ୍କ ଉପରେ ପଡ଼ିବାକୁ ଦିଅନ୍ତୁ ନାହିଁ । ଲିଟରକୁ ଶୁଖିଲା ରଖନ୍ତୁ; ଆମୋନିଆ ଜମା ହେବା ଓ ରୋଗ ସଂକ୍ରମଣର ଆଶଙ୍କା କମାଇବା ପାଇଁ ଭିଜା କିମ୍ବା ଜମାଟ ବାନ୍ଧିଥିବା ଲିଟରକୁ ତୁରନ୍ତ ବଦଳାଇ ଦିଅନ୍ତୁ ।<br>• କୁକୁଡ଼ା ଖାଦ୍ୟକୁ ଶୁଖିଲା, ଉଚ୍ଚ ଓ ଆବୃତ ସ୍ଥାନରେ ସଂରକ୍ଷଣ କରନ୍ତୁ । ଭିଜା କିମ୍ବା ଛତୁ ଲାଗିଥିବା ଖାଦ୍ୟ କୁକୁଡ଼ାଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ ।<br>• ରାଣୀକ୍ଷେତ ରୋଗ ପ୍ରତି ସତର୍କ ରୁହନ୍ତୁ । କୁକୁଡ଼ା ଘରର ପରିଚ୍ଛନ୍ନତା ଓ ବାୟୁ ଚଳାଚଳ ଠିକ୍ ରଖନ୍ତୁ, ଅତ୍ୟଧିକ ଘନତାରେ କୁକୁଡ଼ା ପାଳନ କରନ୍ତୁ ନାହିଁ ଏବଂ ପଶୁଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ସମୟୋପଯୋଗୀ ଟିକାକରଣ କରନ୍ତୁ । ମୃତ କୁକୁଡ଼ାଙ୍କୁ ସୁରକ୍ଷିତ ଓ ଜୈବ-ସୁରକ୍ଷା ନିୟମ ଅନୁଯାୟୀ ନଷ୍ଟ କରନ୍ତୁ । ମୃତ କୁକୁଡ଼ାଙ୍କ ଶବକୁ କୁକୁଡ଼ା ଘର କିମ୍ବା ଜଳ ଉତ୍ସ ନିକଟରେ ପକାଇ ରଖନ୍ତୁ ନାହିଁ । | |


| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


---


- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ହ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ )https://play.google.com/store/apps/details?id=com.imd.masuam(.।